# ପ୍ରେମର ଫସଲ

ତା'  ପରେ ଅନେକ ଦିନ ଭାବିଚି - ଏ ପର୍ବତଗୁଡ଼ାକ କଥା କହନ୍ତେ କି, ଏ ଗଛପତ୍ର ସବୁ ଗୀତ ଗାଆନ୍ତେ କି, କେଉଁ ଅନାଦିଯୁଗର ପଥରଗୁଡ଼ାକ ନାଚନ୍ତେ କି ? ଭାବି ଭାବି ନରସିଂହପୁରର ସେହି ଗିରିସଙ୍କୁଳ ନିସ୍ପନ୍ଦ ଧରଣୀର ଏକ କୋଣରେ ଫସଲ କିଆରିର ହୁଡ଼ା ଉପରେ ବେଳେବେଳେ ବସିଛି । ବସି ବସି ଆଖି ବୁଜି ଅନେକ କଥା ଦେଖିଚି; କିନ୍ତୁ କାହା କଥା କିଛି ଶୁଣିନାହିଁ ।

ଦିନେ ସନ୍ଧ୍ୟାବେଳେ ସୁନା ପିଣ୍ଡୁଳା ପରି ସୂର୍ଯ୍ୟ ଯେତେବେଳେ ଦୂରର ସେହି ମଣିଭଦ୍ରା ପାହାଡ଼ ସେପଟକୁ ଲୁଚିଯାଉଥିଲା, ସେତିକିବେଳେ ମୋ ପାଖଦେଇ ଚାରୋଟି ପାଦର ଶବ୍ଦ ଶୁଣାଗଲା । ଚମକି ଆଖି ଫିଟେଇ ଚାହିଁଲି । ଜଣେ ଅନ୍ୟ ଜଣକୁ ପଚାରିଲା- 'ଆମେ ତାହାହେଲେ ଟିକିଏ ପଛେଇ ରହିଯିବା ?' ଯିଏ ପଚାରିଲା ସେ ଜଣେ ଯୁବକ । ଯାହାକୁ ସେ ପ୍ରଶ୍ନ କଲା ସେ ଜଣେ ଯୁବତୀ ।

ଯୁବତୀ କହିଲା - 'ହଁ ।'

ଏହିଠାରୁ କଥାଟା ଆରମ୍ଭ ।  କେଉଁ ଦିନ ଏ ଗାଁର ସତ୍ୟଭାମା ସହିତ ସେ ଗାଁର ରୁଷିଆର ବିବାହ ହେଲା, ସେ ଦୁହିଁଙ୍କର ସଫା ମନେ ନାହିଁ । ରୁଷିଆ ଆର ଗାଁର । ସେ କେବେହେଲେ ଆଗରୁ ସତ୍ୟଭାମା ସଙ୍ଗରେ ଧୂଳି ଖେଳି ନ ଥିଲା, କି ଏ ଗାଁର ସତ୍ୟଭାମା ସେ ଗାଁର ରାଉତରା ପୁଅ ରୁଷିଆ ସାଙ୍ଗରେ ହାତ ଧରାଧରି ହୋଇ କେବେ କଆଡ଼େ ବୁଲିଯାଇ ନ ଥିଲା । ଯେତେବେଳେ ବୟସ ବଢ଼ିଲା, ପିଲାଖେଳରୁ ମନ ଓହରିିଗଲା । ପରସ୍ପର ଜାଣିପାରିଲେ ଯେ ଆଗରୁ ସେମାନେ କେବେ ବରକନ୍ୟା ହୋଇସାରିଛନ୍ତି ।

ନରସିଂହପୁରର ପାହାଡ଼ତଳିଆ ଦୁଇଟି ଛୋଟ ଛୋଟ ଗାଁ- ମଝିରେ କେବଳ ଅଧ-ମାଇଲିଏ ବାଟ ତଫାତ । ଗାଁରେ ଠିଆହେଲେ ଗଡ଼ର ରଜାଘର ଉଆସର ଉପର ମହଲା ଦିଶେ । ଗାଁଲୋକଙ୍କର କାରବାର ବିଲ, ପାହାଡ଼, ନଈ, ପୋଖରୀ ସହିତ ଯେପରି, ଗଡ଼ ସହିତ ମଧ୍ୟ ସେହିପରି । ହାଟ ବଜାର ଗଡ଼ରେ । ଟିକିଏ କ'  ଣ ଜିନିଷ ଦରକାର ହେଲେ ଗଡ଼କୁ ଧାଇଁଯିବାକୁ ପଡ଼େ । ଗଡ଼-ଲୋକଙ୍କର କୁଲି ମଜୁରିଆ ଦରକାର ହେଲେ ସେଇ ଦୁଇ ଗାଁକୁ ଆଶ୍ରୟ କରିବାକୁ ହୁଏ । ତେଣୁ ନଖକୁ ମାଉଁସ ପରି ଗଡ଼ ସହିତ ସେମାନଙ୍କର ସମ୍ପର୍କ । ଗଡ଼କୁ ଛାଡ଼ିଦେଲେ ସେମାନଙ୍କର ଚଳିବାର ବାଟ ନାହିଁ । ଅନ୍ୟ ଦୃଷ୍ଟିରୁ ପାଇଟିପତ୍ର ପାଇଁ ଗଡ଼ର ଲୋକେ ଏ ଦୁଇ ଗାଁର ଲୋକଙ୍କ ଉପରେ ପ୍ରାୟ ବାର ପଣ ନିର୍ଭର କରନ୍ତି ।

ନରସିଂହପୁର ଅଞ୍ଚଳରେ ଧନୀ ବୋଇଲେ ଯାହାର ଯେତେ ବେଶି ଜମି ଅଛି, ତାକୁ ବୁଝାଏ । ପାଞ୍ଚ-ଦଶଟା ହଳ, ଦଶ-ପନ୍ଦର ଜଣ ହଳିଆ ଥାଇ ରାଉତରା ଘର ଏହିପରି ଜଣେ ଧନୀ ପରିବାରର ଘର । ହେଲେ ଘରକୁ ଦେଖିଲେ ଗାଁର ବାର ପଣ ଘର ଯିମିତି, ତାଙ୍କ ଘରଟା ବି ସିମିତି । ସେହିପରି ଚାଳ, ସେହିପରି ପିଣ୍ଡା, ଅଧିକାରେ ପିଣ୍ଡାଟା ପଥରରେ । ବର୍ଷକୁ ଖଜଣା ଗଣାଯାଏ କୋଡ଼ିଏ କି ଦି'  କୋଡ଼ି ଟଙ୍କା; ମାତ୍ର ଘର ଖଣ୍ଡକ ନଇଁପଡ଼ିଲେ ବି ଟେକାଯାଏ ନାହିଁ । ତା'  ର କାରଣ ଅତି ଗୂଢ଼ ହେଲେ ବି ସମସ୍ତେ ଜାଣନ୍ତି । ସମସ୍ତେ ଜାଣିଲେ ବି କିଏ କାହାକୁ ଖୋଲି କୁହନ୍ତି ନାହିଁ । ତହିଁରେ ଅସଲ କାରଣ ହେଲା ରାଜଦୃଷ୍ଟି । ରାଜାଙ୍କ ଘର ପଥରରେ । ରଜାଙ୍କ ପରି ଘର କିଏ କରିବ ? କଲେ ବଂଶକୁ ସହିବ ନାହିଁ, ଏ ଧାରଣା ମଧ୍ୟ ଅନେକଙ୍କର । ଗଡ଼ଜାତ ପ୍ରଜାଙ୍କର ଏହା କଦାପି ଭକ୍ତିସମ୍ଭୂତ ନୁହେଁ, ଏହା ହେଉଚି ଭୟସମ୍ଭୂତ । ରଜାଙ୍କୁ ଘେରି ରହିଥାନ୍ତି ତୋଷାମଦିଆ ଖଚୁଆଦଳ, କାନରେ ଫୋଡ଼ିଦେବେ - 'ମଣିମା, ଲୋକଟାର ହାତରେ ହେଲାଣି । ଶିଖେଇବ, ମେଳି କରିବ,

ବୁଦ୍ଧି ବଢେଇବ- ମୂଲୁ ମାଇଲେ ଯିବ ସରି ।’ ତେଣୁ ଖଜଣା ପଡ଼ିବ ସେଇ ଘରେ ବେଶି; ମାଗଣ ହେବ ବେଶି । ପୋଷା ହାତୀ ବନ୍ଧାହେବେ ସେଇ ଦୁଆରେ । ରାଜକର୍ମଚାରୀ ବସା ବାନ୍ଧିବେ ସେଇଠି । ଏହିପରି କେତେ ରିଷ୍ଟ ଅଛି ପଥରଘରକୁ । ତେଣୁ ରାଉତରାଘର ଧନୀ ଘର ବୋଲି ଡାକ ଥିଲେ ବି ବାହାରକୁ ଜଣାଯାଏ ନାହିଁ ।

ମାତ୍ର ଗରିବ ଓ ଧନୀ ଭିତରେ ଖାଲି ଘର ତୁଳନା କରି ଜାଣିହେବନାହିଁ । ଚାଲିଚଳଣ, ପୋଷାକ ପରିଚ୍ଛଦ, କଥାବାର୍ତ୍ତା, ରୂପଗୌରବ ସବୁ ଆଡ଼କୁ ବିଚାର କରି ଦେଖିବାକୁ ହେବ । ଏହି ଦୃଷ୍ଟିରୁ ଦେଖିଲେ ରାଉତରା ଘର ପିଲାଏ ହଜାରେ ଲୋକରେ ବାରିହୋଇଯାନ୍ତି । ସେହି ଘରର ବଡ଼ପୁଅ ରୁଷିଆ । ଯେତେ ଲୋକଗହଳିରେ ଥିଲେ ବି ଲୋକ ତାକୁ ଚିହ୍ନିପକାନ୍ତି । ଓସାରିଆ ଲୁଗାପିନ୍ଧା, ସଫା ଚେହେରା, ପାନଖିଆ ତୁଣ୍ଡ - ଦେଖିଲେ ଜାଣିହେବ ପିଲାଟା ଗୋଟେ ଥିଲାଘରର ପିଲା । ବୟସ ସତରରୁ ବେଶି ନୁହେଁ, ଆକାରପ୍ରକାର ଦେଖି ନ ଜାଣିବା ଲୋକ କହିବ କୋଡ଼ିଏରୁ ଊଣା ନୁହେଁ ।

X X X

ଆର ଗାଁର କନ୍ଧ ଗୋଛିକୁ ଦିନମୂଲିଆ କହିଲେ ଚଳିବ- ହାତ ଚଳିଲେ ପେଟ ଚଳେ । ସେ ଘର କିନ୍ତୁ ଆଗେ ଏପରି ନ ଥିଲା । ତା’ ର ଗୋସାଇଁବାପା ନରସିଂହପୁର ବୁଢ଼ା ରଜାଙ୍କର ଥିଲା ଦିନେ ପାଖଲଗାଲୋକ । ସେ ଥିଲେ ପାଞ୍ଚ ଭାଇ । ବୁଢ଼ା ରାଜା ଚାଲିଗଲେ । ରାଜ୍ୟ କେତେ ଦିନ ଅରାଜକ ହୋଇଗଲା । ଯାହାଙ୍କ ବଳରେ ସେମାନେ ନାଚୁଥିଲେ ସେ ଚାଲିଯିବାରୁ ତାଙ୍କୁ ବିପଦ ମାଡ଼ିଆସିଲା । ଯାହାର ଯେତେ ରାଗ ଥିଲା ସମସ୍ତେ ଶୁଝେଇଲେ ସେତିକିବେଳେ । ଭାଇମାନେ ଭିନେ ଭିନେ ହୋଇ କିଏ କୁଆଡ଼େ ଚାଲିଗଲେ । କନ୍ଧ ଗୋଛି ରହିଲା ମାଟି କାମୁଡ଼ି ସେହି ଗାଁରେ ।

ଚାଷୀପୁଅ ଚାଷ କଲା । ହେଲେ ତା’ ଭାଗ୍ୟକୁ ଗୋଛିଆଣୀଙ୍କ କୋଳରେ ହେଲେ ପାଞ୍ଚ ଝିଅ । ସମସ୍ତଙ୍କୁ ଖୁଆଇପିଆଇ ହାତକୁ ଦି’ ହାତ କରିବା ତା ପକ୍ଷରେ ହେଲା କାଠିକର ପାଠ । ଝିଅ ହେଲେ କ’ ଣ ହେଲା, ଗୋଟିଏ ଗୋଟିଏ ଚାଉଳରେ ସତେ ଯେପରି ସେମାନେ ଗଢ଼ା । ରୂପରେ ଯେପରି ତୋଫା, ଗୁଣରେ ସେପରି ଚତୁରୀ । ଘରର ମର୍ଯ୍ୟାଦା ଦାଣ୍ଡରେ ପକେଇଦିଅନ୍ତି ନାହିଁ । ଘରେ ପେଜ-ତୋରାଣି ହେଲେ ମଧ୍ୟ ମୁହଁ ଖୋଲି କେବେ ବାହାରେ କହନ୍ତି ନାହିିଁ । ବାପ ହଳ ଧରି ବିଲ ଉଠିଆକରେ, ଏମାନେ ଫସଲ ବୋହିଆଣନ୍ତି । ବାପ ବଣରେ ପଶି କାଠ ହାଣିଦିଏ, ଏମାନେ ଥିବାରୁ ଶଗଡ଼ ଦରକାର ହୁଏ ନାହିଁ । ଇମିତି ଇମିତି ଚଳି କନ୍ଧ ଗୋଛିର ଚାରୋଟି ଝିଅ ହେଲେ ହାତକୁ ଦି’ ହାତ । ସାନଝିଅ ସତ୍ୟଭାମା ବେଳକୁ ବୁଢ଼ାର ପଡ଼ିଲା ଭାଳେଣି । ସତ୍ୟଭାମାକୁ ସେବେଳେକୁ ଚାରି ବର୍ଷ । ରାଉତରା ଘର ରୁଷିଆ ସହିତ ତା’ ର ହେଲା ବିଭାଘର ।

X X X

ବୁଢ଼ା ରାଉତରାଙ୍କର ଅଚଳାଚଳ ସମ୍ପତ୍ତି ଥିଲେ ମଧ୍ୟ ଦିନେ ହେଲେ ସେ ବାହାରେ ଦେଖେଇହୁଅନ୍ତ ନାହିଁ । ଦେହରେ ସବୁବେଳେ ଲୁଗା ଆଉ ଗାମୁଛା । ଅଙ୍ଗୀ ବା ଜାମା ବୋଲି ଜିନିଷ ସେ କେବେହେଲେ ପିନ୍ଧିନାହାନ୍ତି । କଥାକଥାକେ କହନ୍ତି - ‘ଆରେ, ଲୁଗା କିଣିବ, ତାକୁ ପୁଣି ସାତ ଖଣ୍ଡ କରି ଚିରି ସିଲେଇକରିବ, ତା’ ପରେ ତାକୁ ପିନ୍ଧିବ- ଏତେ ଅଡୁଆରେ କିଏ ପଶିବ ? କିଣିବ ତ ପିନ୍ଧବ- ୟା ‘ଠୁ ସୁବିଧା ଆଉ କ’ ଣ ଅଛି ?’ ଗାଁର ଟୋକାଟାକିଳିଆମାନେ ଏ କଥାକୁ ହସି ଉଡ଼େଇଦିଅନ୍ତି ।

ବୁଦ୍ଧି ହେଲା ପରଠାରୁ ରୁଷିଆ ଗାଁର ପାଞ୍ଚ ପିଲାଙ୍କ ସହିତ ଏକା ହେଲା । ବୁଢ଼ା ରାଉତରାଙ୍କ ପୁରୁଣାକାଳିଆ ଢଙ୍ଗ ତା’ ଠାରେ ରହିଲାନାହିଁ । ରାଉତରା ମଧ୍ୟ ସବୁ ଦେଖି କାଳକୁ ଚାହିଁ ତୁନି ହୋଇଗଲେ । କେତେବେଳେ କିମିତି ପୁଅକୁ ତିଆରିବସିଲେ, ଘରର ହଳିଆ ମୂଲିଆ ବୁଢ଼ାକୁ ଦେଖେଇଲା ପରି କହିଦିଅନ୍ତି- “ସମସ୍ତେ କ’ ଣ ତମରି ପରି ହେବେ ସାଉକାର ! ତମେ ଆମ ରୁଷିଆ ବାବୁଙ୍କୁ ଆଉ ଏତେ ତିଆରିବ ନାହିଁ ।” ତଳ ଉପରକୁ ଚାହିଁ ରାଉତରେ ମୁଣ୍ଡ ଟୁଙ୍ଗାରି କହନ୍ତି- “ହଁ ରେ, ତମେ କିଆଁ ନ

କହିବ ? ଏ ସବୁ ଢଙ୍ଗଢାଙ୍ଗକୁ ଜଗିଥିଲି ବୋଲି ସିନା ବାପାଙ୍କ ସମ୍ପତ୍ତିରେ ପାଞ୍ଚମାଣ ମିଶେଇଲି, ଇଏ କଣ ଆଉ ପାରିବ ? ଖରଚ ବଢ଼ିଲେ ବଢ଼ିଚାଲିବ ନଈବଢ଼ି ପରି । ତାକୁ ସମ୍ଭାଳି ପାରିଲେ ହେଲା । ହଉ, ଆଉ ପାଞ୍ଚ-ଦଶ ବର୍ଷ ପାଇଁ ତୁଣ୍ଡ ଫିଟେଇବି କାହିଁକି ? ରୁଷିଆର କ' ଣ ବୁଦ୍ଧି ହୋଇନାହିଁ ? ହାତକୁ ତ ଦି' ହାତ କରିସାରିଛି । କାଲିକି ତ ଆସିବ ବୋହୂ । ସେହିମାନେ କରିବେ ଘରଦ୍ୱାର । ଆମ କଥା ଆଉ କ' ଣ ରହିବ! କ' ଣ କହୁଚ ?"

କନ୍ଧ ଗୋଛିର ଝିଅ ସତ୍ୟଭାମାକୁ ଷୋଳ ପୂରି ସତର ପଶିଲା ବେଳକୁ ରାଉତରା ଘରୁ ଛ' ଥର ବୋହୂଡାକରା ଆସିସାରିଲାଣି । କ୍ଷେତ କିଆରିରେ, ଗାଧୁଆ ତୋଠରେ, ମାଇପିଙ୍କ ଭିତରେ ଏଇ କଥା-ଭିଆଡ଼ି ଝିଅଟାକୁ ଆଉ ଘରେ ସାଇତି ରଖିବା ଭଲ ନୁହେ ।

ତେଣେ ରାଉତରାଙ୍କ ଘରେ ନାନା ବିଚାର ପଡ଼ିଲା । କିଏ କହିଲା- ବାପ ଛାଡୁନି, କିଏ କହିଲାଝିଅ ଆସିବାକୁ ପସନ୍ଦ କରୁନି । ଦି' ସମଦୀଙ୍କ ଭିତରେ ଟାଣ ଟାଣ କଥା ଆରମ୍ଭ ହୋଇଗଲା । ରାଉତରେ କହିଲେ "ଦେଖ ସମଦୀ, ରୁଷିଆ ସିନା ମୋର କିଛି ମୁହଁ ଫିଟେଇ କହୁନି, ହେଲେ ସିଏ କ' ଣ ବୁଝିପାରୁନି ? ତୁମ ଘର ଅଚଳ ହଉଚ ବୋଲି କ' ଣ ମୋ' ଘରଟା ଭାଙ୍ଗିଦେବା ଭଲ ହେବ ?" କନ୍ଧ ଗୋଛି ସମଦୀଙ୍କ ହାତ ଦି' ଟା ଧରିପକାଇ କହିଲା- "ଇମିତି କଥା କହ ନାହିଁ, କହ ନାହିଁ । କାହା ଘର ଭାଙ୍ଗିବି ? ମୋ ସତ୍ୟଭାମା ଘର ? ଏ ଫସଲଟା ଉଠିଯାଉ, ଚଇତ ପଶନ୍ତି ପଠାଇଦେବି ।" ଏତିକି କହି ଆଖି ଛଳଛଳ କରିପକାଇଲେ । ଓଠ ଥରିଆସିଲା । କଥା ବନ୍ଦ ହୋଇଗଲା । କହିଥିଲେ ସେ କହିପାରିଥାନ୍ତା - ବିଲ ମାଣେ ବିକିବାକୁ ଦର ପଡୁନି, ଫଗୁଣ ମାସକୁ କିମିତି ହେଲେ ଯୋଗାଡ଼ କରିବି । ଆଉ କହି ଅପମାନ ଦିଅ ନାହିଁ ।

ଝିଅ ଶାଶୂଘର ଯିବା କଥାଟା କିନ୍ତୁ କନ୍ଧ ଗୋଛି ଆଉ ରାଉତରାଙ୍କ ଭିତରେ ସୀମାବଦ୍ଧ ରହିଲା ନାହିଁ । ଗାଁଲୋକେ ଜାଣିଲେ ଯେ କିଛି ଗୋଟାଏ ଗୋଳମାଳ ଆଡ଼କୁ କଥାଟା ଯାଉଚି । କାରଣ, ସେମାନେ ବରାବର ଦେଖିଲେ ରୁଷିଆ ଗାଁର ଆର ସେ ପାଖ ବିଲମାଳକୁ ସବୁବେଳେ ଯାଉଚି; ଫେରିଲାବେଳକୁ ବେଳବୁଡ଼ । ସେପାଖେ ତାଙ୍କର ଜମିବାଡ଼ି । କନ୍ଧ ଗୋଛିର ବି ସେଇ ବିଲ ପାଖେ ଚାରି ମାଣ ଚାଷ । ସତ୍ୟଭାମା ବି ବେଳେବେଳେ ବିଲକୁ ଯାଇ ବାପାକୁ ସାହାଯ୍ୟ କରେ । ଏହି ସବୁ ଘଟଣା ଦେଖି ଗାଁର ଖଳ ଲୋକେ ଚୁପୁଚାପ କଥା ହେବାର ଶୁଣାଗଲା - ପୁଅଝିଅ ଏବେ ବିଲମାଳରେ ଲୋ ବିଲମାଳରେ !

ରୁଷିଆ ଯେଉଁ କାରଣରୁ ସନ୍ଧ୍ୟାବେଳେ ସେ ପାଖ ବିଲମାଳକୁ ଯାଉ ନା କାହିଁକି, ସତ୍ୟଭାମା ଯାଏ ବାପାକୁ ସାହାଯ୍ୟ କରିବାକୁ । ସେ ଧାନ ରୁଏ, ବିଲ ବାଛେ, ଗାଇବାଛୁରୀ ପାଇଁ ବାପା ଘାସ କାଟିଦେଲେ ମୁଣ୍ଡରେ ବୋହିଆଣେ । ଅମଳ ସମୟରେ ବିଲର ଅଧିକ ଧାନ ତା' ମୁଣ୍ଡରେ ଘରକୁ ଆସେ । ତେଣୁ ଗାଁର କେହି କେହି କହିବାର ଶୁଣାଯାଏ- କନ୍ଧ ଗୋଛିର ଚାରି ଝିଅରେ ଏ ଝିଅଟି ତା' ର ପୁଅ ।

ସତ୍ୟଭାମା ତା' ର ରୂପ ଢଳଢଳ ବଳିଷ୍ଠ ଅଙ୍ଗକୁ କଠୋର ପରିଶ୍ରମରେ ଖଟାଇ ବାପାର କାମକୁ ଅଧେ ଲାଘବ କରିଦିଏ । ଝିଅର ପରିଶ୍ରମ ଦେଖି କନ୍ଧ ଗୋଛି ବେଳେବେଳେ କହେ - ଝିଅ ଲୋ, ଇମିତି କାମ କଲେ ଲୋକେ ବୋଲିବେ କ' ଣ! ସେ ଗାଁଲୋକେ ଏ ବାଟରେ ଗଲାବେଳେ କଥାବାର୍ତ୍ତା ହୋଇ ଯାଉଚନ୍ତି, ଆଉ, ମୁଁ ହାବୁଡ଼ରେ ପଡ଼ିଲେ ତୁନି ହୋଇଯାଉଚନ୍ତି, ତୁ ଆଉ ବିଲବାଡିକି ଆସେ ନା ।

ବାପା ମୁହଁରୁ ଏକଥା ଶୁଣି ସତ୍ୟଭାମା ମୁଣ୍ଡ ଟିକିଏ ନୁଆଇଁ ରଖି କ' ଣ ଭାବେ । ଆଖିରେ ଲଜ୍ଜାର ଆଭାସ ଦେଖାଯାଏ । ପିନ୍ଧିବା ଶାଢ଼ିକି ଟିକିଏ ସଜେଇଲା ପରି ଟାଣିଧରି ଓଢ଼ଣାକୁ ଆଉ ଟିକିଏ ଟେକିଦେଇ ବାପକୁ କହେ - ନାଇଁ ବାପା, କିଏ କ' ଣ କହିବେ ବୋଲି କ' ଣ ଏ ବୟସରେ ତୁମେ ବିଲରେ ଖଟିବ; ମୁଁ ଘରେ ବସିଥିବି ! ମୁଁ ଏସବୁ କାମକୁ ପାରୁଚି ତ ! ତୁମେ ଏତେ କଥା ଭାବୁଚ କିଆଁ ?

ତେଣେ ରାଉତରା ଘରେ ବୋହୂଅଣା କଥା ପଡିଲାବେଳେ ରୁଷିଆ ତୁନି ହୋଇ ସବୁ ଶୁଣେ; ତୁଣ୍ଡ ଫିଟାଏ ନାହିଁ । ଥରେ ରାଉତରା ବୁଢ଼ା ରୁଷିଆକୁ ପଚାରିଲେ - "ଆରେ ରୁଷି; ତୁ ଯାଉନୁ କି ସେ ପାଖ ବିଲଆଡ଼େ । ମୁଁ ତ ବୁଢ଼ା ହେଲି; ତୁ ଏମିତି ବାବୁଆନିପଣ କରି ଚଳିଲେ ଚଳିବ ? ଆଜିକାଲି ହଳିଆ ମୂଲିଆ କାହାକୁ ବିଶ୍ୱାସ ଅଛି ରେ ? ଯିବୁ, ଦେଖିବୁ, କାମ ବତେଇବୁ, କଥା ବୁଝିବୁ, ତେବେ ଯାଇ ସିନା ଘର କରିବୁ । ନ ହେଲେ ସବୁ ଉଜୁଡ଼ିଯିବ ରେ ଉଜୁଡ଼ିଯିବ ! ଏ ଘରର ମାନ-ମହତ ସବୁ ତଳେ ପଡ଼ିଯିବ ।

ରୁଷିଆ ବୁଦ୍ଧିମାନ୍ ପିଲା । ବାପର ଇଙ୍ଗିତ ସବୁ ବୁଝିପାରିଲା । ଏତିକି ଜାଣିଲା ଯେ ବାପା ବିଲବାଡ଼ି କଥା ଯାହା କହୁଛନ୍ତି ତାହା ପ୍ରକୃତରେ ବିଲବାଡ଼ି ନୁହେ; ସେ ଯେଉଁ କଥାକୁ ଜାଣିପାରୁନାହାନ୍ତି ସେଇ କଥା ପାଇଁ । ସେ ବୁଝିଗଲେ ସବୁ ସମାଧାନ ହୋଇଯିବ ।

ସେହିଦିନଠାରୁ ରୁଷିଆ ବିଲବାଡ଼ିକି ଯାଏ । ଯାଏ ଯେ ବେଶି ଯାଏ କନ୍ଧ ଗୋଛି ଘର ବିଲମାଳକୁ । ସେ ଯାଇ ଦେଖେ କନ୍ଧ ଗୋଛିର ବିଲରେ ଯେ ବେଶୀ ସମୟ କାମ କରୁଥାଏ ସେ ହେଉଚି ସତ୍ୟଭାମା ।

ତରତର ହୋଇ କିଆରିଏ ଦି' କିଆରି ଅନ୍ତରରେ ବେଳେବେଳେ ସେ ସେହି ବାଟେ ଚାଲିଯାଏ । ବୁଲି ବୁଲି ପଛକୁ ଚାହେଁ ସତ୍ୟଭାମା ତାକୁ ଦେଖିପାରୁଚି କି ନାହିଁ । ଅଣବାଟରେ ଗଲାବେଳେ ଗୋଡ଼ରେ କୋଇଲେଖା କଣ୍ଟା ପଶିଗଲା ବୋଲି କହି କେବେ କେବେ ନଇଁପଡ଼େ; ନଇଁକରି ସେ ଆଡ଼କୁ ଚାହିଁ କଣ୍ଟା କାଢ଼େ । ହିଡ଼ତଳେ ପାଣି ଥିଲେ ମୁହଁ ଧୋଇ କୁଳୁକୁଞ୍ଚା କରେ । ଲୁଗା କାନ୍ଧରୁ ଖସିଗଲା ପରି କରି ଲୁଗାପଟାକୁ ପୁଣି ଚଉତେ; କିନ୍ତୁ ଦୃଷ୍ଟିଟା ଥାଏ କନ୍ଧ ଗୋଛି ଘର ବିଲ ଆଡ଼କୁ ।

ସତ୍ୟଭାମା ମୁଣ୍ଡରେ ଓଢ଼ଣା ଦିଏ, ନଇଁ କରି କାମ କରେ; କିନ୍ତୁ କେବେହେଲେ ସେ ସିଧାସଳଖ ଠିଆହୋଇ ବୁଲି ଚାହେଁ ନାହିଁ ସେ ଆଡ଼କୁ - କାମ କରିବା ସ୍ୱାଭାବିକ ଦୃଷ୍ଟିରେ ଯାହା କିଛି ଆଖି ବୁଲେଇ ଦେଖେ । ଥରେ ସତ୍ୟଭାମା ନଇଁକରି ଧାନ କାଟୁଚି, ହଳେ ବଳଦ ସେପାଖ ହିଡ଼ମୁଣ୍ଡେ ବିଲରେ ପଶିଗଲେ । ରୁଷିଆ ସେବାଟେ ଯାଉଥିବା କଥା ସତ୍ୟଭାମା ଜାଣେ ନାହିଁ । ସେ ପାଟିକଲା- ଗୋରୁ ଖାଇଲା, ଗୋରୁ ଖାଇଲା । ସତ୍ୟଭାମା ଅଣ୍ଟା ସଳଖି ବୁଲି ଚାହିଁଲା ବେଳକୁ ରୁଷିଆ ଧାଇଁଯାଇ ବଳଦ ଓଡ଼ାଉଛି । ସତ୍ୟଭାମା ମୁଣ୍ଡ ପୋତିଦେଲା । ରୁଷିଆ ସେତିକିବେଳେ କହିଲା - "ନ ଜଗିଲେ ଫସଲ ଯେ ଉଜୁଡ଼ିଯିବ ।" ଆନତ ବଦନରେ ସତ୍ୟଭାମା ଉତ୍ତର ଦେଲା- "ଜଗିବାକୁ କ' ଣ ଲୋକ ନାହାନ୍ତି ?"

ଏ ଘଟଣାର ଦି' -ଚାରି ଦିନ ପରେ ଶୁଣାଗଲା ରାଉତରାଙ୍କ ଘରେ ଚୋର ପଶି ନଗଦ ଚାରିଶହ ଟଙ୍କା ଚୋରି ଯାଇଛି । ରାଉତରାଙ୍କ ଘରୁ ଚୋରି ଯିବା ସହଜ ନୁହେଁ । କାରଣ, ଟଙ୍କା-ପଇସା ସେ ବାକ୍ସରେ ରଖନ୍ତି ନାହିଁ । କେଉଁଠି ସେ ରଖନ୍ତି ସେକଥା ବାହାର ଲୋକେ ଅନୁମାନ କରିବାର କିଛି ବାଟ ନାହିଁ । ସମସ୍ତେ କହନ୍ତି ତାଙ୍କର ପୋତାମାଲ । ରାଉତରା ବାହାରକୁ ଗଲେ ନାନା କାରଣ ଦେଖାଇ ପୁଅକୁ ଘରେ ଜଗାଇ ଯାଇଥାନ୍ତି । ସେଦିନ ସେ ସନ୍ଧ୍ୟା ପୂର୍ବରୁ ବିଲକୁ ଯାଇ ଫେରି ଦେଖନ୍ତି ତ ରୁଷିଆ ଘରେ ନାହିଁ । ରୁଷିଆ ଯେତେବେଳେ ଘରକୁ ଫେରିଲା, ରାଉତରା ମୁଣ୍ଡରେ ହାତ ଦେଇ ବସିଛନ୍ତି । ତାଙ୍କ ଶୋଇବା ଖଟତଳେ ଏକ ସରାଗାତରେ ଟଙ୍କା ଥିବା କଥା ରୁଷିଆ କେବଳ ଜାଣେ । ରୁଷିଆ ଘରେ ଥିବାବେଳେ ସେ ଯାଇଥିଲେ ବିଲକୁ । ରୁଷିଆ ଘରକୁ ଆସିଲାପରେ ବାପାଙ୍କୁ ଆଉ ଦେଖାଦେଲା ନାହିଁ । କ୍ରମେ ଟଙ୍କା ଚୋରିଯିବା କଥା ଘରର ସବୁଲୋକେ ଜାଣିଲେ । କିଏ କେତେ ବ୍ୟସ୍ତ ହେଲେ; କିନ୍ତୁ ରୁଷିଆ କିଛି କହିଲା ନାହିଁ । ରାଉତରା ଯେତେବେଳେ ପଚାରିଲେ- "କି ରେ ରୁଷିଆ, ଏ କ' ଣ ହେଲା ! ମୋ ଜାଣିବାରେ ତ ସୂତାଖିଏ ଏ ଘରୁ ଯାଇ ନ ଥିଲା !" ରୁଷିଆ ଏତିକି ମାତ୍ର କହିଲା- "ଯେତେବେଳେ ଯାଏ ତ ପ୍ରଥମରେ ଯାଏ; ଆସିଲାବେଳେ ବି ପ୍ରଥମରେ ଆସିବ !"

ସମଦୀଙ୍କ ଘରୁ ଟଙ୍କା ଚୋରି ଯିବା କଥା ଯେତେବେଳେ କନ୍ଧ ଗୋଛି କାନରେ ପଡ଼ିଲା, ସେ କଥା କହିପାରିଲା ନାହିଁ; କେବଳ ସତ୍ୟଭାମା ମୁହଁକୁ ଚାହିଁଲା । ସତ୍ୟଭାମା ତା' ମାଆ ମୁହଁକୁ ଚାହିଁଲା । ମାଆ କନ୍ଧ ଗୋଛିକି କହିଲା- "ଚାହୁଁଚ କ'ଣ ? ଯେଉଁଠୁ ଆସିଚି, ସେଇଠିକି ଯିବ । ପଅର ଦିନ ତିଥି । ଆଜି ଯାଇ କିଣାକିଣି କରି ଆଣ ।"

କନ୍ଧ ଗୋଛି ମୁଣ୍ଡରେ ହାତ ଦେଇ ଅନେକ ସମୟ ତଳକୁ ଚାହିଁ ବସି କ'ଣ ଚିନ୍ତା କଲା କେଜାଣି, କହିଲା- "ବିଲ ତ ବିକି ନାହିଁ, କାହାଠୁ ତ କରଜ ଆଣି ନାହିଁ, ହାତରେ ତ ପଇସାଟିଏ ନ ଥିବା କଥା ସମସ୍ତେ ଜାଣନ୍ତି । ଆଜି ଯଦି ଗଡ଼ରୁ ଯୋଡ଼ାସଜ କିଣି ଆଣିବି, ଲୋକେ କାହାକୁ ଚୋର ବୋଲିବେ ?"

କନ୍ଧ ଗୋଛିର ସ୍ତ୍ରୀ କଥାଟାକୁ ଚପେଇ ରଖିଲା ପରି କହିଲା- "ତୁମେ ଆଉ ଇମିତି କୁଆ ପରି ହୁଅ ନାହିଁ । ଯେ ଦେଇଚି, ସିଏ ନବ । ଯାହା ଘରୁ ଆସିଚି, ତା' ଘରକୁ ଯିବ । ଆଜିକାଲି ପିଲାପିଲିଙ୍କ ଢଙ୍ଗଢାଙ୍ଗ କଥା ତୁମେ କ'ଣ ବୁଝିବ ? ତୁମେ ତ କହିଲ ପଇସା ନ ହେଲେ ପଠେଇବି ନାହିଁ । ସିଏ ତ କହିଲେ ନ ପଠାଇଲେ ମୁଁ ଆଉ କ'ଣ ବାଟ କରିବି । ରୁଷିଆ କ'ଣ ପିଲା ହେଇଚି, ନା, ସତ୍ୟଭାମା ଓଲୀ ହୋଇଚି ? ଝିଅକୁ ପଠାଇସାର- ତା' ପରେ ଚୋର ଆଉ ଚୋରାମାଲ ସବୁ ଏକାଠି ହେବେ ।" ଏତକ କହି ଗୋଛିଆଣୀ ଟିକିଏ ହସିଦେଲା ।

ରାଉତରାଙ୍କ ଘରେ ସେଦିନ ଗାଁଯାକର ଲୋକ ଜମା । କାରଣ, ବୋହୂ ଭାର ଆଣିଚି । ଯୋଡ଼ା ଗରା, ଯୋଡ଼ା କଂସା, ଯୋଡ଼ା ଢାଳ, ଏପରି କି ଶିଳ-ଶିଳୁପୁଆ ଯୋଡ଼ା ଯୋଡ଼ା । ଲୁଗାପଟା କଥା କିଏ ପଚାରେ ? ସମସ୍ତେ କହିଲେ- "କନ୍ଧ ଗୋଛି ଭଲ ଦେଲା ।" ରାଉତରେ କହିଲେ- "ଚୋର ସିନା ଟଙ୍କା ନେଇଯାଏ, ଭାଗ୍ୟ କ'ଣ ନେଇଯାଏ ?"

ସେ ଦିନ ରାତିରେ ଲଜ୍ଜାବତୀ ସତ୍ୟଭାମାର ହାତ ଧରି ରୁଷିଆ ହସି ହସି କହିଲା- "ଦରକାର ପଡ଼ିଲେ ଲୋକେ ଇମିତି ଚୋର ହୁଅନ୍ତି ।"

-ହଁ, ତମେ ଯଦି ଚୋର, ମୁଁ ମଧ୍ଯ ଚୋରଣୀ !

-ମନେ ଅଛି? ସେ ଦିନ କହୁଥିଲି, ନ ଜଗିଲେ ଫସଲ ଉଜୁଡ଼ିଯିବ ବୋଲି ।

-ଆଉ କାହାର ମଧ୍ଯ ମନେଥିବ, ମୁଁ ସେଇଠି କହିଥିଲି, ଜଗିବାକୁ କ'ଣ ଲୋକ ନାହାନ୍ତି?

-ସେଇଥିପାଇଁ ପରା କହୁଚି, ଚୋରି କରେ ବା ଲୁଟେଇ କରି ନିଏ, କୌଣସିମତେ ମୋ ଫସଲ ମୁଁ ଘରକୁ ଆଦାୟ କରି ଆଣିଚି । କ'ଣ କହୁଚ ?

ସଲଜ୍ଜ ବଦନରେ ସତ୍ୟଭାମା ମୁହଁ ପୋତି ଠିଆହେଲା ।